# ଅଧ୍ୟାୟ 3

## ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର

## ଅନୁପାଳନ ସମୀକ୍ଷା

# ଅଧ୍ୟାୟ 3

# ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ହିସାବର ଅନୁପାଳନ ସମୀକ୍ଷା

## 3.1 ଉପକ୍ରମ

ବିତ୍ତୀୟ ବର୍ଷ 2021-22 ରେ କୋଭିଡ୍-19 ମହାମାରୀ ଜନିତ ଲାଗୁ କରାଯାଇଥିବା ଗସ୍ତ କଟକଣା ଏବଂ ସ୍ଥାନୀୟ ବନ୍ଦ ହେତୁ, ରାଜ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସମୀକ୍ଷାର ମାତ୍ରା ପ୍ରତିକୂଳ ଭାବରେ ପ୍ରଭାବିତ ହୋଇଥିଲା ।

ବିତ୍ତୀୟ ବର୍ଷ 2021-22 ରେ ଚୟନ କରାଯାଇଥିବା ଦୁଇଟି ଜିଲ୍ଲାର (କଟକ ଓ ସମ୍ବଲପୁର), ଦୁଇଟି ଜିଲ୍ଲା ପରିଷଦ, ଚାରିଟି ପଞ୍ଚାୟତ ସମିତି ଓ 20 ଟି ଗ୍ରାମ ପଞ୍ଚାୟତ ଭଳି ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ସମୀକ୍ଷା କରାଯାଇଥିଲା ଯାହାକି ***ପରିଶିଷ୍ଟ 3.1*** ରେ ବିଶଦ ଭାବରେ ବର୍ଣ୍ଣିତ ହୋଇଛି ।

ବିତ୍ତୀୟ ବର୍ଷ 2018-19 ରୁ 2020-21 ସମୟ ସୀମା ମଧ୍ୟରେ ଅନ୍ତର୍ଭୁକ୍ତ ତିନି ପ୍ରକାରର ଅନୁଦାନ ଯଥା: ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅନୁଦାନ, ଆମ ଗାଁ ଆମ ବିକାଶ ଯୋଜନା (ଏଜିଏବି) ଅଧିନ ଅନୁଦାନ ଓ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ (ଏସ୍‌ଜିଏମ୍-ଜି) ଯୋଜନା ଅନ୍ତର୍ଗତ ଅନୁଦାନ ଗୁଡ଼ିକର ଅଡିଟ୍ ଅନୁଧ୍ୟାନ କରିଥିଲେ ।

## 3.2 ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ପ୍ରାପ୍ତ କରିଥିବା ଚତୁର୍ଦ୍ଦଶ ଅର୍ଥ ଆୟୋଗର ଅନୁଦାନର ବିନିଯୋଗ

ଗ୍ରାମୀଣ ସ୍ଥାନୀୟ ନିକାୟଗୁଡ଼ିକୁ ଦୁଇ ପ୍ରକାରର ଅନୁଦାନ ଯଥା-ଗୋଟିଏ ମୌଳିକ ଅନୁଦାନ ଓ ଅନ୍ୟଟି ପରଫର୍ମାନ୍ସ ଅନୁଦାନ ଦେବା ପାଇଁ ଚତୁର୍ଦ୍ଦଶ ଅର୍ଥ ଆୟୋଗ (ବିତ୍ତୀୟ ବର୍ଷ 2015-20) ପ୍ରସ୍ତାବ ଦେଇଥିଲେ । ଏହି ଅନୁଦାନ ଗୁଡ଼ିକ ଯଥା-ଜଳ ଯୋଗାଣ, ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବାତ୍ୟା ସମୟରେ ଜଳ ନିଷ୍କାସନ, ସାମ୍ପ୍ରଦାୟିକ ସମ୍ପତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ, ରାସ୍ତା ଏବଂ ଫୁଟ୍ ପାଥ ଗୁଡ଼ିକତର ରକ୍ଷଣାବେକ୍ଷଣ, ରାସ୍ତା ଆଲୋକୀକରଣ ଏବଂ ସମାଧିସ୍ଥଳ ତଥା ଶ୍ମଶାନ ଇତ୍ୟାଦି ବିଭିନ୍ନ ମୌଳିକ ସେବାଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଥିଲା । ମୌଳିକ ଅନୁଦାନ, ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କୁ ପୂର୍ଣ୍ଣ ପାଞ୍ଚ ବର୍ଷ ପାଇଁ ପ୍ରଦାନ କରାଯାଇଥିଲା । ବିନିର୍ଦ୍ଦିଷ୍ଟ ସମ୍ପାଦନ ମାନଦଣ୍ଡଗୁଡ଼ିକୁ ସମ୍ପୂର୍ଣ୍ଣ ହାସଲ କରିବା ପରେ ହିଁ ବିତ୍ତୀୟ ବର୍ଷ 2016-17 ଠାରୁ ସମ୍ପାଦନ ଅନୁଦାନ ପ୍ରଦାନ କରିବା ପ୍ରସ୍ତାବିତ ଥିଲା ।

ବିତ୍ତୀୟ ବର୍ଷ 2015-20 ସମୟ ମଧ୍ୟରେ କଟକ ଏବଂ ସମ୍ବଲପୁର ଜିଲ୍ଲାର ଗ୍ରାମ ପଞ୍ଚାୟତଗୁଡ଼ିକୁ (ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗ) 598.82 କୋଟି ଟଙ୍କା[46] ପ୍ରଦାନ କରିଥିଲେ । ଅଡିଟ୍ ଏହି ଦୁଇଟି ଜିଲ୍ଲାରେ 20 ଟି ଚୟନ କରାଯାଇଥିବା ଗ୍ରାମ ପଞ୍ଚାୟତରେ ସମ୍ବନ୍ଧିତ ରେକର୍ଡ ଗୁଡ଼ିକରେ ପରୀକ୍ଷଣ କରିଥିଲା ଏବଂ ନିମ୍ନଲିଖିତ ଅନିୟମିତତା ଗୁଡ଼ିକ ଲକ୍ଷ୍ୟ କରିଥିଲା ।

### *3.2.1 ସମ୍ପାଦନ ଅନୁଦାନ କ୍ଷତି*

ମୌଳିକ ଅନୁଦାନ ବ୍ୟତୀତ, କିଛି ନିର୍ଦ୍ଧାରିତ ସର୍ତ୍ତ ପାଳନ କରିପାରିଲେ ଏକ ସମ୍ପାଦନ ଅନୁଦାନର ଅନୁଦାନ ପାଇଁ ଚତୁର୍ଦ୍ଦଶ ଅର୍ଥ ଆୟୋଗ ସୁପାରଶ କରିଥିଲେ । ସେହି ଅଡିଟ୍ କରାଯାଇଥିବା ହିସାବ ପ୍ରଦାନ ଏବଂ ନିଜସ୍ୱ ରାଜସ୍ୱରେ ବୃଦ୍ଧି ଇତ୍ୟାଦି ଏହି ସର୍ତ୍ତଗୁଡ଼ିକର ଅନ୍ତର୍ଭୁକ୍ତ ଥିଲା । 2016 ବର୍ଷରୁ ସମ୍ପାଦନ ଅନୁଦାନ ଲାଗୁ କରାଯିବା ପ୍ରସ୍ତାବିତ ଥିଲା ଏବଂ ରାଜ୍ୟ ସରକାର ପୂର୍ବ ନିର୍ଦ୍ଧାରିତ ମାନଦଣ୍ଡ ଆଧାରରେ ଗ୍ରାମ ପଞ୍ଚାୟତ ଗୁଡ଼ିକର କାର୍ଯ୍ୟ ଦକ୍ଷତା ନିରୂପଣ କରିବା ପାଇଁ ବିଜ୍ଞପ୍ତି ଜାରି କରିଥିଲେ । ସେହି ନିର୍ଦ୍ଧାରିତ ମାନଦଣ୍ଡଗୁଡ଼ିକ ପୂରଣ କରିବା ଆଧାରରେ ଗ୍ରାମ ପଞ୍ଚାୟତ ଗୁଡ଼ିକ 50 ରୁ 100 ପ୍ରତିଶତ ପର୍ଯ୍ୟନ୍ତ ଯଥୋଚିତ ସମ୍ପାଦନ ଅନୁଦାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ।

---

[46] କଟକ: **ମୌଳିକ ଅନୁଦାନ**-2015-16: 49.56 କୋଟି ଟଙ୍କା, 2016-17: 67.96 କୋଟି ଟଙ୍କା, 2017-18: 78.72 କୋଟି ଟଙ୍କା 2018-19: 91.09 କୋଟି ଟଙ୍କା, 2019-20: 123.09 କୋଟି ଟଙ୍କା; **ସମ୍ପାଦନ ଅନୁଦାନ**- 2016-17: 8.07 କୋଟି ଟଙ୍କା, 2017-18: 9.01 କୋଟି ଟଙ୍କା, ସମ୍ବଲପୁର: **ମୌଳିକ ଅନୁଦାନ**- 2015-16: 20.28 କୋଟି ଟଙ୍କା, 2016-17: 28.07 କୋଟି ଟଙ୍କା, 2017-18: 30.92 କୋଟି ଟଙ୍କା, 2018-19: 35.78 କୋଟି ଟଙ୍କା, 2019-20: 48.35 କୋଟି ଟଙ୍କା; **ସମ୍ପାଦନ ଅନୁଦାନ**- 2016-17: 5.72 କୋଟି ଟଙ୍କା, 2017-18: 2.20 କୋଟି ଟଙ୍କା.

ଅଡିଟ୍ ଲକ୍ଷ୍ୟ କରିଥିଲା ଯେ 20 ଟି ନମୁନା ଯାଞ୍ଚ ଗ୍ରାମ ପଞ୍ଚାୟତ ମଧ୍ୟରୁ ବିତ୍ତୀୟ ବର୍ଷ 2018-19 ଏବଂ 2019-20 ରେ 19 ଟି[47] ଗ୍ରାମ ପଞ୍ଚାୟତ ନିଜସ୍ୱ ରାଜସ୍ୱ ହାର ବୃଦ୍ଧି ନକରାଇବା ହେତୁ ସମ୍ପାଦନ ଅନୁଦାନ ହରାଇଛନ୍ତି (ବିଶେଷ ବିବରଣୀ ***ପରିଶିଷ୍ଟ 3.2*** ରେ ପ୍ରଦତ୍ତ) । ନିମ୍ନତମ 50 ପ୍ରତିଶତ ହାରରେ ଗ୍ରାମ ପଞ୍ଚାୟତ ମାନଙ୍କ ପାଇବା ଯୋଗ୍ୟ ସମ୍ପାଦନ ଅନୁଦାନର ଆଧାରରେ ହିସାବ କରାଯାଇଥିବା କ୍ଷତିର ସମୁଦାୟ ପରିମାଣ 68.66 ଲକ୍ଷ[48] ଟଙ୍କା ଥିଲା ।

କଠିନ ବର୍ଜ୍ୟବସ୍ତୁ ପରିଚାଳନା, ରାସ୍ତା ଆଲୋକୀକରଣ ଇତ୍ୟାଦି ଜନକଲ୍ୟାଣ ସେବା ଗୁଡ଼ିକ ପ୍ରଦାନ କରିବା ପାଇଁ ଆବଶ୍ୟକୀୟ ରାଶି ପ୍ରାପ୍ତ କରିବାରେ ଏହି ସମ୍ପାଦନ ଅନୁଦାନରେ ହୋଇଥିବା କ୍ଷତି ପ୍ରତିକୂଳ ପ୍ରଭାବ ପକାଇଥିଲା ।

ଉତ୍ତରରେ , ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ କହିଥିଲେ (ଅକ୍ଟୋବର 2022) ଯେ, ଯେହେତୁ ସମ୍ପାଦନ ଅନୁଦାନ ପାଇବା ପାଇଁ ନିଜସ୍ୱ ରାଜସ୍ୱରେ ବୃଦ୍ଧି କରିବା ଅନ୍ୟାନ୍ୟ ସର୍ତ୍ତ ମଧ୍ୟରେ ଗୋଟିଏ ଅଟେ । ତେଣୁ ଗ୍ରାମ ପଞ୍ଚାୟତ ଗୁଡ଼ିକ ନିଜସ୍ୱ ରାଜସ୍ୱ ବୃଦ୍ଧି କରିବା ଦିଗରେ ଚେଷ୍ଟିତ ଅଛନ୍ତି ।  ସମ୍ପାଦନ ଅନୁଦାନ ପ୍ରାପ୍ତ କରିବା କିନ୍ତୁ ଏହା ସତ୍ୟ ଯେ, ଚତୁର୍ଦ୍ଦଶ ଅର୍ଥ ଆୟୋଗଙ୍କର ସମାପ୍ତି ପର୍ଯ୍ୟନ୍ତ ଗ୍ରାମ ପଞ୍ଚାୟତ ଗୁଡ଼ିକ ସର୍ତ୍ତ ପାଳନ କରିପାରି ନଥିଲେ ଏବଂ ସମ୍ପାଦନ ଅନୁଦାନରୁ ବଞ୍ଚିତ ହୋଇଥିଲେ ।

### *3.2.2 ସନ୍ଦେହଜନକ ଅର୍ଥ ଆତ୍ମସାତ୍ କରିବା*

ଅନ୍ୟାନ୍ୟ ବିଷୟ ଗୁଡ଼ିକ ମଧ୍ୟରେ ଗ୍ରାମ ପଞ୍ଚାୟତ ଗୁଡ଼ିକ ଦ୍ୱାରା ଚତୁର୍ଦ୍ଦଶ ଆର୍ଥ ଆୟୋଗଙ୍କ ଅନୁଦାନ ବିନିଯୋଗର ପର୍ଯ୍ୟାଲୋଚନା ଏବଂ ପର୍ଯ୍ୟବେକ୍ଷଣକୁ ସୁବ୍ୟବସ୍ଥିତ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ (ଅକ୍ଟୋବର 2015) ଅନୁଦେଶ କରିଥିଲେ । ଏହି ଅନୁଦେଶରେ କାର୍ଯ୍ୟ ସମାପ୍ତି ପରେ ଆର୍‌ଟିଜିଏସ୍ ପଦ୍ଧତି ମାଧ୍ୟମରେ କାର୍ଯ୍ୟକର୍ତ୍ତାମାନଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରାଯିବା ନିର୍ଦ୍ଧାରିତ ହୋଇଥିଲା ।

କିନ୍ତୁ, କଟକ ଜିଲ୍ଲାର କଣ୍ଟାପଡ଼ା ପଞ୍ଚାୟତ ସମିତିର ଗୋବିନ୍ଦପୁର ଗ୍ରାମ ପଞ୍ଚାୟତରେ ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, ଗୋବିନ୍ଦପୁର ଗ୍ରାମ ପଞ୍ଚାୟତରେ ଏକ ସଭାସ୍ଥଳର ନିର୍ମାଣ ପାଇଁ  ପାଞ୍ଚ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ଉକ୍ତ ରାଶିରୁ (ତତ୍କାଳୀନ ପିଇଓ ଚତୁର୍ଦ୍ଦଶ ଆର୍ଥ ଆୟୋଗ ଅନୁଦାନର ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟରୁ 1.50 ଲକ୍ଷ ଟଙ୍କା ଉଠାଣ କରିଥିଲେ (ସେପ୍ଟେମ୍ବର 2020) ସେହିଦିନର କ୍ୟାସ୍ ବହିରେ ସେହି ଟଙ୍କାକୁ ଖର୍ଚ୍ଚ କରାହୋଇଥିବା ଦର୍ଶାଯାଇଥିଲା । କିନ୍ତୁ, ତାହାର କୌଣସି ବିସ୍ତୃତ ବିବରଣୀ ଲିପିବଦ୍ଧ କରାଯାଇ ନଥିଲା । ପରନ୍ତୁ, ଅକ୍ଟୋବର 2020 ଏବଂ ମଇ 2021 ରେ ଯଥାକ୍ରମେ 2.83 ଲକ୍ଷ ଟଙ୍କା ଓ 1.38 ଲକ୍ଷ ଟଙ୍କା ଏହିପରି ଭାବରେ, ସମୁଦାୟ 4.21 ଲକ୍ଷ ଟଙ୍କା ପ୍ରଥମ ଓ ଦ୍ୱିତୀୟ ଚଳନ୍ତି ଆକାଉଣ୍ଟ ବିଲରେ ପ୍ରଦାନ କରାଯାଇଥିଲା । ସେହି ଦୁଇଟି ବିଲରେ ଉପରୋକ୍ତ ଅଗ୍ରୀମ ରାଶିର କୌଣସି ବ୍ୟବସ୍ଥାପନ କରାଯାଇନଥିଲା । ପରବର୍ତ୍ତୀ ଚଳନ୍ତି ବିଲଗୁଡ଼ିକ ଉପରେ କୌଣସି ବ୍ୟବସ୍ଥାପନ ନକରାଯିବା କାରଣରୁ ଏବଂ ପରବର୍ତ୍ତୀ ଚଳନ୍ତି ବିଲ୍ ଗୁଡ଼ିକରେ ନିଆଯାଇଥିବା ଅଗ୍ରୀମ ରାଶିକୁ ପରବର୍ତ୍ତୀ ଚଳନ୍ତି ବିଲ୍ ଗୁଡ଼ିକରେ କୌଣସି କାର୍ଯ୍ୟ ନକରି ଖର୍ଚ୍ଚ ରୂପରେ ଦର୍ଶାଯିବାର ପରିଣାମ ସନ୍ଦେହଜନକ ଅର୍ଥ ଆତ୍ମସାତ୍ ହୋଇଥିଲା ।

ପିଆର୍ ଆଣ୍ଡ ଡିଡବ୍ଲୁ ବିଭାଗ, ଉତ୍ତରରେ କହିଥିଲେ (ଅକ୍ଟୋବର 2022) ଯେ, ସରକାରୀ ଅର୍ଥ ଆତ୍ମସାତ କରିଥିବା ଉତ୍ତରଦାୟୀ ବ୍ୟକ୍ତିବିଶେଷଙ୍କ ଠାରୁ ଉକ୍ତ ରାଶି ଆଦାୟ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଅଛି ।

### *3.2.3 ସରକାରୀ ଆକାଉଣ୍ଟରେ ସରକାରୀ ପ୍ରାପ୍ତି ଗୁଡ଼ିକରେ ପ୍ରଦାନ କରାନଯିବା*

ଓଡ଼ିଶା ଟ୍ରେଜେରୀ କୋଡ (ଭାଗ-I), ଅନୁଯାୟୀ, ସଂଗୃହୀତ ରାଜଭାଗ ପାଇବାର ତିନି ଦିନି ମଧ୍ୟରେ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଜମା କରିବା ଆବଶ୍ୟକ । ସେହିପରି, ସଂଗ୍ରହଣର 30 ଦିନ ମଧ୍ୟରେ ପ୍ରତିଟି ଶ୍ରମିକ ସେସ୍‌କୁ ଓଡ଼ିଶା ଭବନ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡଙ୍କ ନିକଟରେ ଜମା କରିବା ଆବଶ୍ୟକ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ବିତ୍ତୀୟ ବର୍ଷ 2018-19 ରୁ 2020-21 ମଧ୍ୟରେ, 20 ଟି ନମୁନା ଯାଞ୍ଚ ଗ୍ରାମ ପଞ୍ଚାୟତରୁ 13[49] ଟିରେ  20.37 ଲକ୍ଷ ଟଙ୍କା (13.54 ଲକ୍ଷ ଟଙ୍କାର ରାଜଭାଗ ଏବଂ 6.83 ଲକ୍ଷ ଟଙ୍କାର ସେସ୍) ରାଜ୍ୟ ସରକାରଙ୍କର ଦେୟ ସଂଗ୍ରହ କରାଯାଇଥିଲା । କିନ୍ତୁ, ମାତ୍ର 7.03 ଲକ୍ଷ ଟଙ୍କା ( 6.61 ଲକ୍ଷ ଟଙ୍କାର ପଞ୍ଚାୟତି ଓ 0.42 ଲକ୍ଷ ଟଙ୍କାର ସେସ୍) ହିଁ ସରକାରଙ୍କ ତହବିଲରେ ଜମା କରାଯାଇଥିଲା । ବଳକା 13.34 ଲକ୍ଷ ଟଙ୍କା (6.93 ଲକ୍ଷ

---

47 ସମସ୍ତ ପରୀକ୍ଷିତ ଗ୍ରାମ ପଞ୍ଚାୟତ ଟାଙ୍ଗୀ ଚୌଦ୍ୱାରା ପଞ୍ଚାୟତ ସମିତିର ଉଚ୍ଚପଡ଼ା ଗ୍ରାମ ପଞ୍ଚାୟତ

48 **ମୌଳିକ ଅନୁଦାନ** : 12.36 କୋଟି ଟଙ୍କା (90 ପ୍ରତିଶତ ମୋଟ ଅନୁଦାନର), **ସମ୍ପାଦନ ଅନୁଦାନ** 1.3732 କୋଟି ଟଙ୍କା (10 ପ୍ରତିଶତ ମୋଟ ଅନୁଦାନର), <u>ସର୍ବନିମ୍ନ ସମ୍ପାଦନ ଅନୁଦାନର କ୍ଷତି ପ୍ରତି 50 ପ୍ରତିଶତ 1.3732</u> କୋଟି ଟଙ୍କା: 68.66 ଲକ୍ଷ ଟଙ୍କା

49 ବାଗଲପୁର, ଅଡଶପୁର, କଣ୍ଟାପଡ଼ା, ଉରଧା, ଗୋବିନ୍ଦପୁର, ବାଡେଉରା, ବଦୁଆପଲି, ବରଗାଁ, ପରମାନପୁର, ସାହାସପୁର, ବିଶାଳକିନ୍ଦା, କୋର୍ଦଲା, ତଲବ

ଟଙ୍କାର ରାଜଭାଗ ଓ 6.41 ଲକ୍ଷ ଟଙ୍କାର ଶ୍ରମିକ ସେସ୍) ନିଜ ପାଖରେ ରଖିଦିଆଯାଇଥିଲା(ପରିଶିଷ୍ଟ 3.3 ରେ ବିସ୍ତୃତ ବିବରଣୀ ଦିଆଯାଇଛି) ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଉତ୍ତରରେ କହିଲେ (ଅକ୍ଟୋବର 2022) ଯେ, ସମ୍ବନ୍ଧିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଂଗୃହୀତ ହୋଇଥିବା ରାଜଭାଗ ଓ ସେସ୍ ଖୁବ୍ ଶୀଘ୍ର ସରକାରଙ୍କର ତହବିଲରେ ଜମା କରାଯିବ ।

### *3.2.4 ଅସ୍ୱୀକାର୍ଯ୍ୟ କାର୍ଯ୍ୟର କାର୍ଯ୍ୟାନ୍ୱୟନ*

କେନ୍ଦ୍ର ସରକାରଙ୍କ ଦ୍ୱାରା ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅନୁଦାନର ସୁପାରିଶ ଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଜାରି କରାଯାଇଥିବା (ଅକ୍ଟୋବର 2015) ମାର୍ଗଦର୍ଶିକାର ଅନୁଚ୍ଛେଦ 7 ଅନୁଯାୟୀ, (କ) ମୌଳିକ ସେବା ଗୁଡ଼ିକ ପ୍ରଦାନ କରିବା ପାଇଁ ମୌଳିକ ଅନୁଦାନକୁ ବିନିଯୋଗ କରାଯିବା ଆବଶ୍ୟକ । ଜଳ ଯୋଗାଣ, ମଳଶୋଧନ ପ୍ରବନ୍ଧନ ସହିତ ସ୍ୱଚ୍ଛତା, ପରିମଳ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା, ବାତ୍ୟା ଜଳ ନିଷ୍କାସନ, ଗୋଷ୍ଠୀଗତ ସମ୍ପତ୍ତି ଗୁଡ଼ିକର ରକ୍ଷଣାବେକ୍ଷଣ, ରାସ୍ତା ଓ ଫୁଟପାଥର ରକ୍ଷଣାବେକ୍ଷଣ, ରାସ୍ତାର ଆଲୋକୀକରଣ, ସମାଧିସ୍ଥଳ, କଲ୍ୟାଣ ମଣ୍ଡପ, ସପିଂ କମ୍ପ୍ଲେକ୍ସ, ଶ୍ମଶାନ ଘାଟର ନିର୍ମାଣ ଏବଂ ପ୍ରାସଙ୍ଗିକ ବିଧାନ ଅନ୍ତର୍ଗତ କାର୍ଯ୍ୟ ପ୍ରଦାନ କରିବା ଇତ୍ୟାଦି ମୌଳିକ ସେବା ଅନ୍ତର୍ଭୁକ୍ତ ଅଟେ । (ଖ) ଓ ଆଣ୍ଡ ଏମ୍ ତଥା ମୁଖ୍ୟ ବ୍ୟୟ ବାବଦରେ ହେଉଥିବା ବୈଷୟିକ ଏବଂ ପ୍ରଶାସନିକ ଖର୍ଚ୍ଚ, କୌଣସି ପରିସ୍ଥିତିରେ ଗୋଟିଏ ଗ୍ରାମ ପଞ୍ଚାୟତର 10 % ଆବଣ୍ଟନ ଠାରୁ ଅଧିକ ହେବ ନାହିଁ ଏବଂ ଏହି ବ୍ୟୟ ସ୍ଥାନୀୟ ନିକାୟ କରିପାରିବେ ।

ଅଡିଟ୍ କିନ୍ତୁ ଲକ୍ଷ୍ୟ କରିଥିଲେ ଯେ, ଦଶଟି ଗ୍ରାମ ପଞ୍ଚାୟତ, ସରକାରୀ ଭବନ ନିର୍ମାଣ, ଡ୍ରାମା ପେଣ୍ଡାଲ, ଗ୍ରାମ ପଞ୍ଚାୟତ ସଭା ଗୃହ ତଥା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ମରାମତି, ଗ୍ରାମ ପଞ୍ଚାୟତ ଗୋଦାମ, ବୁଥ୍ ଘର ପରି ଅସ୍ୱୀକାର୍ଯ୍ୟ କାର୍ଯ୍ୟ ବାବଦରେ 52.98 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ଏହାର ବିଶଦ ବିବରଣୀ ***ପରିଶିଷ୍ଟ 3.4*** ରେ ଦର୍ଶାଯାଇଛି ।

ଯେହେତୁ ଏହି କାର୍ଯ୍ୟଗୁଡ଼ିକ ଉଦ୍ଦିଷ୍ଟ ମୌଳିକ ସେବା ପ୍ରଦାନ କରିବା ତଥା ନିଜସ୍ୱ ରାଜସ୍ୱ ସୃଷ୍ଟି କରିବା ସମ୍ବନ୍ଧିତ ନଥିଲା, ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅନୁଦାନରୁ ଖର୍ଚ୍ଚ କରିବା ପ୍ରତିବଦଳରେ ସେହି କାର୍ଯ୍ୟଗୁଡ଼ିକୁ ନିୟମିତ ବଜେଟ୍‌ରୁ ମଧ କରାଯାଇପାରିଥାନ୍ତା । ତେଣୁ ଏହିସବୁ କାର୍ଯ୍ୟ ଉପରେ 52.98 ଲକ୍ଷ ଟଙ୍କାର ବ୍ୟୟ ଅସ୍ୱୀକାର୍ଯ୍ୟ ଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଉତ୍ତରରେ କହିଥିଲେ (ଅକ୍ଟୋବର 2022) ଯେ ଚତୁର୍ଦ୍ଦଶ ଅର୍ଥ ଆୟୋଗ ଅନୁଦାନରୁ ଗ୍ରାମ ପଞ୍ଚାୟତ ଭବନ ନିର୍ମାଣ କାର୍ଯ୍ୟ ଅନୁମୋଦିତ ହୋଇଥିଲା (ନଭେମ୍ବର 2015) ।

ଯେହେତୁ ଗ୍ରାମ ପଞ୍ଚାୟତ ଗୁଡ଼ିକ ନିଜସ୍ୱ ରାଜସ୍ୱ ବୃଦ୍ଧିକୁ ଉପେକ୍ଷା କରି ଗ୍ରାମ ପଞ୍ଚାୟତ ବିଲ୍‌ଡିଂ ମରାମତି ଓ ଡ୍ରାମା ପେଣ୍ଡାଲ କାର୍ଯ୍ୟ ଇତ୍ୟାଦି ଅସ୍ୱକାର୍ଯ୍ୟ କାର୍ଯ୍ୟରେ ଅନୁଦାନକୁ ଖର୍ଚ୍ଚ କରି, ସମ୍ପାଦନ ଅନୁଦାନ ହରାଇଥିଲେ, ଏହି ଉତ୍ତର ଗ୍ରହଣ ଯୋଗ୍ୟ ନଥିଲା ।

***ସୁପାରିଶ:***

1. *ବିଜ୍ଞାପନ ହୋର୍ଡିଂ, ବାଣିଜ୍ୟ ଭବନ ଗୁଡ଼ିକର ନିର୍ମାଣ, ସାପ୍ତାହିକ କୃଷିଭିତ୍ତିକ ବଜାର ପରିଚାଳନାଅଧିକାରର ନିଲାମ ଏବଂ ସ୍ଥାନୀୟ ଜଳାଶୟ ଗୁଡ଼ିକରେ ମାଛ ଧରିବାର ଅଧିକାର ପରି ଆୟ ଆସେଟ୍ ଉତ୍ପାଦନକାରୀ ଗୁଡ଼ିକ ସୃଷ୍ଟି କରିବା ଦ୍ୱାରା ଗ୍ରାମ ପଞ୍ଚାୟତ ଗୁଡ଼ିକର ନିଜ ଆୟ/ ରାଜସ୍ୱ ବୃଦ୍ଧି କରିବା ଦିଗରେ ଚେଷ୍ଟିତ ହେବା ।*
2. *ନିୟମିତ ବଜେଟ ଆବଣ୍ଟନ ଦ୍ୱାରା ଯେଉଁ ଖର୍ଚ୍ଚ ଭାର/ ବ୍ୟୟ ହାର ନିର୍ବାହ କରାଯାଇପାରିବ, ସେହିପରି ଅଗ୍ରହଣୀୟ କାର୍ଯ୍ୟ ଗୁଡ଼ିକରେ ଅର୍ଥ ବ୍ୟୟ କରିବା ଅପେକ୍ଷା ନିଜସ୍ୱ ଆୟ ବୃଦ୍ଧି କରି ନାଗରିକ ମାନଙ୍କୁ ମୌଳିକ ସେବା ଗୁଡ଼ିକର ବ୍ୟାପକତା ଓ ଗୁଣମାନ ବୃଦ୍ଧି କରିବା ଦିଗରେ ଅର୍ଥ ଆୟୋଗଙ୍କ ଅନୁଦାନର ସୁବିନିଯୋଗ ହେବା ଆବଶ୍ୟକ ଅଟେ ।*

## *3.3 ଆମ ଗାଁ ଏବଂ ଆମ ବିକାଶ ଯୋଜନା ପାଣ୍ଠିର ଉପଯୋଗ*

ଆଞ୍ଚଳିକ ଗୁରୁତ୍ୱ ବହନ କରୁଥିବା କ୍ଷୁଦ୍ର ଏବଂ ଅତ୍ୟାବଶ୍ୟକ ପ୍ରକଳ୍ପ ଦ୍ୱାରା ଏବଂ ବିକଶିତ ଭିତ୍ତିକୁ ସଂଯୋଗ ପ୍ରଦାନ ଦ୍ୱାରା ଆଞ୍ଚଳିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାର 'ଆମ ଗାଁ ଆମ ବିକାଶ' (ଏଜିଏବି) ଯୋଜନାକୁ କାର୍ଯ୍ୟାନ୍ୱିତ କରିଥିଲେ । ସାମଗ୍ରିକ ଗୋଷ୍ଠୀ ଉନ୍ନୟନ ଏବଂ ସର୍ବସାଧାରଣ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିବା ପ୍ରକଳ୍ପଗୁଡ଼ିକୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରିବାର ଥିଲା ।

ଏହି ଯୋଜନା ଅଧିନରେ ଅନୁମୋଦିତ ହୋଇଥିବା 5,933 ଟି ପ୍ରକଳ୍ପ ପାଇଁ ନମୁନା ଯାଞ୍ଚ ହୋଇଥିବା ଦୁଇଟି ଜିଲ୍ଲାର 23 ଟି ପଞ୍ଚାୟତ ସମିତି 2018-19 ରୁ 2020-21 ବିତ୍ତୀୟ ବର୍ଷ ମଧ୍ୟରେ 115.17 କୋଟି ଟଙ୍କାର ପାଣ୍ଠି ଲାଭ କରିଥିଲେ । ସେଥିମଧ୍ୟରୁ 761 ଟି ପ୍ରକଳ୍ପ[50] 15.13 କୋଟି ଟଙ୍କା ବ୍ୟୟରେ ନିଷ୍ପାଦିତ କରିବାର କାର୍ଯ୍ୟ ହାତକୁ ନିଆଯାଇଥିଲା । ଅଡିଟ୍ ଦ୍ୱାରା ନମୁନା ଯାଞ୍ଚ ହୋଇଥିବା ଚାରିଟି ପଞ୍ଚାୟତ ସମିତିର ପାଣ୍ଠି ବିନିଯୋଗ ସମୀକ୍ଷାରୁ ନିମ୍ନଲିଖିତ ଅନିୟମିତତା ପରିଲକ୍ଷିତ ହୋଇଥିଲା:

### *3.3.1 ପ୍ରକଳ୍ପ ଚୟନ*

'ଆମ ଗାଁ ଆମ ବିକାଶ'ର ମାର୍ଗଦର୍ଶିକା ଅନୁଯାୟୀ (i) ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅଧିବାସୀ, ଗୋଷ୍ଠୀ ସଂଗଠନ, ଲୋକ ପ୍ରତିନିଧି ଏବଂ ଅନ୍ୟ ହିତାଧିକାରୀମାନଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଥିବା ଉଚିତ୍, (ii) ତତ୍ପରେ, ଗ୍ରାମ ପଞ୍ଚାୟତ-ୱାରୀ ପ୍ରକଳ୍ପ ତାଲିକା ଗ୍ରାମ ପଞ୍ଚାୟତ, ବ୍ଲକ୍ ତଥା ଜିଲ୍ଲା ସ୍ତରରେ ଏକତ୍ରିତ କରି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗକୁ ପ୍ରେରିତ କରିବାର ଥିଲା, (iii) ପରବର୍ତ୍ତୀ କାଳରେ ସାଧାରଣ ଜନତା ତଥା ସଂପୃକ୍ତ ବ୍ଲକର ଜନପ୍ରତିନିଧିମାନଙ୍କ ସହିତ ଭିଡିଓ ସମ୍ମିଳନୀ ମାଧ୍ୟମରେ ପ୍ରକଳ୍ପଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ହେବାର ଥିଲା ।

ସମୀକ୍ଷାରୁର ପରିଲକ୍ଷିତ ହେଲା ଯେ, ଗ୍ରାମ ପଞ୍ଚାୟତ ସ୍ତରରେ ଏକତ୍ରିତ କରିବା, ସ୍ଥାନୀୟ ଅଧିବାସୀ ଅଥବା ଲୋକ ପ୍ରତିନିଧି ମାନଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଥିବାର ଦସ୍ତାବିଜ ପ୍ରମାଣ ବିନା ଏହି ଦୁଇଟି ଜିଲ୍ଲାରେ 5,933 ଟି ପ୍ରକଳ୍ପ ରାଜ୍ୟ ସ୍ତରରେ ଅନୁମୋଦିତ ହୋଇଥିଲା ଏବଂ ବ୍ଲକ୍ ତଥା ଜିଲ୍ଲା ସ୍ତରରେ ଏକତ୍ରିତ ହେବାକୁ ଥିବା ଗ୍ରାମ ପଞ୍ଚାୟତୱାରୀ ପ୍ରକଳ୍ପ ତାଲିକା ବିଭାଗକୁ ପଠାଯାଇନଥିଲା ।

ଅଡିଟ୍ ଜାଣିବାକୁ ପାଇଲା, ତଳସ୍ତରର ତଥ୍ୟ ଅଭାବରୁ, 102[51] ଟି ଅନୁମୋଦିତ ପ୍ରକଳ୍ପ ଯାହାର ଆନୁମାନିକ ମୂଲ୍ୟ 1.43 କୋଟି ଟଙ୍କା ପ୍ରକଳ୍ପ ଯାହାକି କାର୍ଯ୍ୟକାରୀ କରାଯାଇ ନଥିଲା ଯାହାର କାରଣ ଦର୍ଶାଯାଇଥିଲା, ଅନୁପଯୋଗୀ ପ୍ରକଳ୍ପ ସ୍ଥାନ, ନିଅଣ୍ଟିଆ ଅଟକଳ ମୂଲ୍ୟର ପ୍ରକଳ୍ପ ଯାହା ଅନୁମୋଦନ ପୂର୍ବରୁ ପ୍ରକଳ୍ପ ହେବ ବୋଲି ଆଶାକରାଯାଇନଥିଲା ।

ମାର୍ଗଦର୍ଶିକାର ଉଲ୍ଲଙ୍ଘନ କରି, ହିତାଧିକାରୀ ଅଥବା ସେମାନଙ୍କର ପ୍ରତିନିଧିଙ୍କୁ ସାମିଲ୍ ନକରି ପ୍ରକଳ୍ପ ଚୟନ କରାଯିବାରୁ ପାଣ୍ଠି ଅବରୋଧ ହୋଇ ରହିଲା ଯାହା ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଉପଯୋଗ ହୋଇପାରିଥାଆନ୍ତା, ଯାହାକି ଏଜିଏବି ଯୋଜନାର ମୂଳ ଲକ୍ଷ୍ୟ ଥିଲା ।

ସମୀକ୍ଷା ମନ୍ତବ୍ୟ ଜବାବରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦର୍ଶାଇଲେ (ଅକ୍ଟୋବର 2022) ଯେ, ସରକାରୀ ଅନୁମୋଦନ ପ୍ରାପ୍ତ କରି ପ୍ରକଳ୍ପ ପାଣ୍ଠିକୁ ଏଜିଏବି ଯୋଜନା ଅଧିନରେ ଚାଲୁରହିଥିବା ପ୍ରକଳ୍ପରେ ବିନିଯୋଗ କରିବା ପାଇଁ ଜିଲ୍ଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

ମାର୍ଗଦର୍ଶିକା ଉଲ୍ଲଙ୍ଘନ କରି ହିତାଧିକାରୀ ଅଥବା ସେମାନଙ୍କର ପ୍ରତିନିଧିଙ୍କୁ ସଂପୃକ୍ତ ନ କରି ପ୍ରକଳ୍ପ ଚୟନ ହୋଇଥିଲା, ଯଦ୍ୱାରା ହିତାଧିକାରୀମାନେ ଆବଶ୍ୟକ ସୁବିଧାରୁ ବଞ୍ଚିତ ହେଲେ ।

### *3.3.2 ଅଗ୍ରାହ୍ୟ ପ୍ରକଳ୍ପ କାର୍ଯ୍ୟ ନିଷ୍ପାଦନ*

ଏଜିଏବି ମାର୍ଗଦର୍ଶିକା ଅନୁଯାୟୀ ପ୍ରକଳ୍ପଗୁଡ଼ିକ ବିକାଶାତ୍ମକ ହେବା ଉଚିତ୍ ଏବଂ ସାମଗ୍ରିକ ଭାବରେ ଗୋଷ୍ଠୀ ଉନ୍ନୟନ ପାଇଁ ଗୋଷ୍ଠୀ ସମ୍ପଦ ସୃଷ୍ଟି କରୁଥିବା ଉଚିତ୍ ।

ଯାହାହେଉ, ତିନୋଟି[52] ପଞ୍ଚାୟତି ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଗୋଷ୍ଠୀକେନ୍ଦ୍ର ଓ ଯଜ୍ଞ ମଣ୍ଡପ ଇତ୍ୟାଦି ନାମରେ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ । 71 ଟି କାର୍ଯ୍ୟର ନଥି ନମୁନା ଯାଞ୍ଚ ଏବଂ ଯୁଗ୍ମ ଭୌତିକ ନିରୀକ୍ଷଣରୁ ଦେଖାଗଲା ଯେ, 33 ଟି କ୍ଷେତ୍ରରେ ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନେ 62.64 ଲକ୍ଷ ଟଙ୍କା ବ୍ୟୟରେ ଧାର୍ମିକ ଢାଞ୍ଚାରେ ନିର୍ମାଣ କାର୍ଯ୍ୟ ନିଷ୍ପାଦନ କରିଥିଲେ (ନିମ୍ନରେ ଦର୍ଶିତ ଚିତ୍ର ଅନୁଯାୟୀ) । ସବିଶେଷ ତଥ୍ୟ ***ପରିଶିଷ୍ଟ 3.5*** ରେ ଦର୍ଶାଯାଇଛି ।

---

[50] କଟକ -528 ଟି ପ୍ରକଳ୍ପ ଏବଂ ସମ୍ବଲପୁର-233 ଟି ପ୍ରକଳ୍ପ

[51] କେନ୍ଦ୍ରାପଡ଼ା: 10, ଟାଙ୍ଗୀ ଚୌଦ୍ୱାର: 80 ଏବଂ ମାନେଶ୍ୱର: 12

[52] କେନ୍ଦ୍ରାପଡ଼ା, ଟାଙ୍ଗି ଚୌଦ୍ୱାରା ଏବଂ ଧାନକଉଡ଼ା

**ଫଟୋଚିତ୍ର :3.1**



ଶ୍ରୀ ରାଧାକାନ୍ତ କମ୍ୟୁନିଟି କେନ୍ଦ୍ର, ଶିଶୁଆ, କଣ୍ଟାପଡ଼ା ଜିପି

**ଫଟୋଚିତ୍ର :3.2**



ମା ମଙ୍ଗଳା କେନ୍ଦ୍ର, କଣ୍ଟାପଡ଼ା ପିଏସର ଅଡଶପୁର ଜିପିରେ

**ଫଟୋଚିତ୍ର :3.3**



ଧାନକଉଡ଼ା ପଞ୍ଚାୟତ ସମିତିର ତଲବ ଗ୍ରାମ ପଞ୍ଚାୟତର ଯାତ୍ରା ମଣ୍ଡପ

**ଫଟୋଚିତ୍ର :3.4**



ଧାନକଉଡ଼ା ପଞ୍ଚାୟତ ସମିତିର ତଲବ ଗ୍ରାମ ପଞ୍ଚାୟତର ଯଜ୍ଞ ମଣ୍ଡପ

ଗୋଷ୍ଠୀକେନ୍ଦ୍ର ନାମରେ ଧାର୍ମିକ ଢାଞ୍ଚା ନିର୍ମାଣ କରିବା ଏଜିଏବି ମାର୍ଗଦର୍ଶିକାରେ ପରିପନ୍ଥୀ ଥିଲା ତଥା ଯୋଜନା ଅଧିନରେ ସାମଗ୍ରିକ ଭାବରେ ଗୋଷ୍ଠୀ ଉନ୍ନୟନ କରିବାରେ ଅସଫଳ ହୋଇଥିଲା ।

ସମୀକ୍ଷା ମନ୍ତବ୍ୟ ଜବାବରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗ ଦର୍ଶାଇଲେ (ଅକ୍ଟୋବର 2022) ଯେ, ଧାର୍ମିକ ଅନୁଷ୍ଠାନ ନିକଟରେ ନିର୍ମାଣ କାର୍ଯ୍ୟ ସମୁହ ସ୍ୱାର୍ଥ ଓ ସାମୁହିକ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିଲା ।

ଯେହେତୁ ଗୋଷ୍ଠୀ କେନ୍ଦ୍ର ନାମରେ ଧାର୍ମିକ ଅନୁଷ୍ଠାନ ପରିସରରେ ନିର୍ମାଣ କାର୍ଯ୍ୟ ଚାଲିଥିବାର ସମୀକ୍ଷାରୁ ପରିଲକ୍ଷିତ ହେଲା । ତେଣୁ, ବିଭାଗର ଉତ୍ତର ଗ୍ରହଣ ଯୋଗ୍ୟ ନୁହେଁ ।

### 3.3.3 ଅସମ୍ପୂର୍ଣ୍ଣ ପ୍ରକଳ୍ପରେ ନିଷ୍ଫଳ ବ୍ୟୟ

ସମୀକ୍ଷାରୁ ଦେଖାଗଲା ଯେ, ତିନି ଜଣ ବ୍ଲକ ଉନ୍ନୟନ ଅଧିକାରୀ (ଟାଙ୍ଗୀ ଚୌଦ୍ୱାରା, କଣ୍ଟାପଡ଼ା ଏବଂ ଧାନକୌଡ଼ା) 2018-19 ରୁ 2020-21 ମଧ୍ୟରେ 44.80 ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ 22[53]ଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଥିଲେ । ଏହି କାର୍ଯ୍ୟଗୁଡ଼ିକର ସମାପ୍ତି ଜାନୁଆରୀ 2019 ରୁ ମାର୍ଚ୍ଚ 2021 ମଧ୍ୟରେ ଅନ୍ତିମ ବିଲ୍ ପ୍ରଦାନ କରି ହୋଇଥିବାର ନଥିଭୁକ୍ତ ହୋଇଥିଲା । ସବିଶେଷ ତଥ୍ୟ ***ପରିଶିଷ୍ଟ 3.6*** ରେ ଦର୍ଶାଯାଇଛି ।

**ଫଟୋଚିତ୍ର :3.5**



ଧାନକୌଡ଼ା ପଞ୍ଚାୟତ ସମିତିର ତଲବ ଗ୍ରାମ ପଞ୍ଚାୟତର ସୋନୁଟିକିରାରେ ଯାତ୍ରା ମଣ୍ଡପ ନିର୍ମାଣ

**ଫଟୋଚିତ୍ର:3.6**



କଣ୍ଟାପଡ଼ା ପଞ୍ଚାୟତ ସମିତିରଅଡଶପୁର ଗ୍ରାମ ପଞ୍ଚାୟତର ଶ୍ରୀ ମୁକ୍ତେଶ୍ୱର ମହାଦେବ ସିସି

[53] କଣ୍ଟାପଡ଼ା ପଞ୍ଚାୟତି ସମିତି: 11 ପ୍ରକଳ୍ପ, ଟାଙ୍ଗୀ ଚୌଦ୍ୱାର: 4 ପ୍ରକଳ୍ପ ଏବଂ ଧାନକୌଡ ପଞ୍ଚାୟତି ସମିତି: 7 ପ୍ରକଳ୍ପ

**ଫଟୋଚିତ୍ର:3.7**



କଣ୍ଟାପଡ଼ା ପଞ୍ଚାୟତ ସମିତିର ସିସି ବାଗଲପୁର ଗ୍ରାମପଞ୍ଚାୟତର ମଙ୍ଗଳା ଠାକୁରାଣୀ

**ଫଟୋଚିତ୍ର:3.8**



ଧାନକୌଡ଼ା ପଞ୍ଚାୟତ ସମିତିର କୁଦ ଗୁଣ୍ଡେରପୁର ଗ୍ରାମ ପଞ୍ଚାୟତର ଗୋଷ୍ଠୀକେନ୍ଦ୍ର

ସମୀକ୍ଷାର ଯୁଗ୍ମ ଭୌତିକ ନିରୀକ୍ଷଣ (ଜାନୁଆରୀ ଏବଂ ମଇ 2022) ରୁ ପରିଲକ୍ଷିତ ହେଲା ଯେ, ସମଗ୍ର 44.80 ଲକ୍ଷ ଟଙ୍କାର ପ୍ରକଳ୍ପ ବ୍ୟୟ ଅଟକଳର ବିନିଯୋଗ ସତ୍ତ୍ୱେ, ପ୍ରକଳ୍ପଗୁଡ଼ିକର ବାସ୍ତବ ସ୍ଥିତି ଅସମ୍ପୂର୍ଣ୍ଣ ଥିଲା (ଫଟୋରେ ଉଲ୍ଲେଖ ଅଛି) । ତେଣୁ, ଏହି ପ୍ରକଳ୍ପଗୁଡ଼ିକ ଜନସାଧାରଣଙ୍କ ପାଇଁ ନିର୍ମାଣ ହୋଇଥିବା ଉଦ୍ଦେଶ୍ୟରେ ବିନିଯୋଗ ହୋଇପାରିଲା ନାହିଁ ଏବଂ ପରିଣାମ ସ୍ୱରୂପ 44.80 ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା । କାର୍ଯ୍ୟ ଅସମ୍ପୂର୍ଣ୍ଣର କାରଣ ମଧ ନଥିପତ୍ରରେ ଉଲ୍ଲେଖ ନଥିଲା ।

ସମୀକ୍ଷା ମନ୍ତବ୍ୟ ଜବାବରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଯୋଗାଣ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ପ୍ରକଳ୍ପ ପାଣ୍ଠିକୁ କାର୍ଯ୍ୟ ଚାଲୁ ରହିଥିବା ପ୍ରକଳ୍ପକୁ ସମାପ୍ତ କରିବାରେ ବିନିଯୋଗ କରିବା ପାଇଁ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି (ଜାନୁଆରୀ 2021) ।

ବସ୍ତୁତଃ, ପାଣ୍ଠି ବିନିଯୋଗ ସତ୍ତ୍ୱେ, ପ୍ରକଳ୍ପଗୁଡ଼ିକ ଆସ୍ତି ବିନିଯୋଗ କରି ଅଭିଳଷିତ ହିତସାଧନ କରିପାରିନଥିଲେ ।

### *3.3.4 ପ୍ରଶାସନିକ ଅନୁମୋଦନ ବିନା କାର୍ଯ୍ୟ ନିଷ୍ପାଦନ*

ଓଡ଼ିଶା ପଞ୍ଚାୟତ ସମିତି ହିସାବ ପଦ୍ଧତି ନିୟମାବଳୀ, 2002ର ନିୟମ 75 (C) ଅନୁସାରେ ଯେକୌଣସି କାର୍ଯ୍ୟର ନିଷ୍ପାଦନ ପୂର୍ବରୁ ପ୍ରଶାସନିକ ଅନୁମୋଦନ ପ୍ରାପ୍ତି ଆବଶ୍ୟକ ।

2018-19 ରୁ 2020-21 ବିତ୍ତୀୟ ବର୍ଷରେ ଦୁଇ[54] ଜଣ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା 1.50 କୋଟି ଟଙ୍କାରେ 68[55] ଟି କାର୍ଯ୍ୟ ପ୍ରଶାସନିକ ଅନୁମୋଦନ ପ୍ରାପ୍ତ ନକରି ନିଷ୍ପାଦିତ ହୋଇଛି । ସବିଶେଷ ତଥ୍ୟ ***ପରିଶିଷ୍ଟ 3.7*** ରେ ଦର୍ଶାଯାଇଛି ।

ଏହି ତଥ୍ୟକୁ ସ୍ୱୀକାର କରି ପଞ୍ଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଦର୍ଶାଇଲେ (ଅକ୍ଟୋବର 2022) ଯେ, ସଂପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀମାନଙ୍କୁ ନିଷ୍ପାଦିତ କାର୍ଯ୍ୟଗୁଡ଼ିକର କାର୍ଯ୍ୟୋତ୍ତର ପ୍ରଶାସନିକ ଅନୁମୋଦନ ପ୍ରାପ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

***ସୁପାରିଶ:***

3. ***ଏଜିଏବି ମାର୍ଗଦର୍ଶିକାକୁ ଅନୁପାଳନ କରି, ନାଗରିକ ତଥା ସେମାନଙ୍କର ପ୍ରତିନିଧିମାନଙ୍କର ମତାମତକୁ ଗ୍ରାମ ପଞ୍ଚାୟତ, ବ୍ଲକ୍ ଏବଂ ରାଜ୍ୟ ସ୍ତରରେ ଏକତ୍ରିତ କରି ସମ୍ଭବଯୋଗ୍ୟ ପ୍ରକଳ୍ପ ଚୟନ କରାଯାଉ ।***
4. ***ସାମଗ୍ରିକ ଭାବରେ ସାମୁହିକ କଲ୍ୟାଣ ହୋଇପାରୁଥିବା ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଦିଆଯାଉ ଏବଂ ଅଗ୍ରାହ୍ୟ ପ୍ରକଳ୍ପଗୁଡ଼ିକୁ ଏଜିଏବି ଯୋଜନା ପାଣ୍ଠିର ବିନିଯୋଗ କରି କାର୍ଯ୍ୟକାରୀ କରାନଯାଉ ।***
5. ***ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିରୀକ୍ଷଣ କରି ଅଭିଳଷିତ କଲ୍ୟାଣ ପ୍ରଦାନ ପାଇଁ ଯଥା ସମୟରେ କରାଯାଉ ।***

[54] ଧାନକୌଡ଼ା ଏବଂ କଣ୍ଟାପଡ଼ା ।

[55] କଟକ ଜିଲ୍ଲା-କଣ୍ଟାପଡ଼ା ପଞ୍ଚାୟତ ସମିତି: 47 ଏବଂ ସମ୍ବଲପୁର ଜିଲ୍ଲା-ଧାନକୌଡ଼ା ପଞ୍ଚାୟତ ସମିତି-21

## 3.4 ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣର କାର୍ଯ୍ୟକାରିତା

ସର୍ବଭାରତୀୟ ପରିମଳ କଭରେଜ୍ ହାସଲ କରିବା ତଥା ନିରାପଦ ପରିମଳ ଉପରେ ଧ୍ୟାନ ଦେବା ପାଇଁ ଜିଓଆଇ ଦ୍ୱାରା ଏସ୍‌ବିଏମ୍-ଜି (ଅକ୍ଟୋବର 2014) ରେ ଆରମ୍ଭ କରାଯାଉଥିଲା । କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା (ଏସ୍‌ଏଲ୍-ଡବ୍ଲୁଏମ୍) ର କାର୍ଯ୍ୟକଳାପ ଦ୍ୱାରା ଗ୍ରାମୀଣ ଅଞ୍ଚଳରେ ସ୍ୱଚ୍ଛତାର ସ୍ତରକୁ ଉନ୍ନତ କରିବା ପାଇଁ ଏବଂ 2 ଅକ୍ଟୋବର 2019 ମଧ୍ୟରେ ଗ୍ରାମ ପଞ୍ଚାୟତ ଗୁଡ଼ିକୁ ଖୋଲା ମଳମୁକ୍ତ (ଓଡିଏଫ୍) ପରିଷ୍କାର ଏବଂ ପରିମଳ କରିବା ପାଇଁ ଏହା ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ।

2018-19 ରୁ 2020-21 ଆର୍ଥିକ ବର୍ଷ ମଧ୍ୟରେ, ଦୁଇଟି ମନୋନୀତ ଜିଲ୍ଲାର ଜିଲ୍ଲା ପରିଷଦଗୁଡ଼ିକ 313.05 କୋଟି ଟଙ୍କା ପାଇଲେ ଏବଂ 311.00 କୋଟି ଟଙ୍କା ବ୍ୟୟ କଲେ ଏବଂ ଅବଶିଷ୍ଟ 2.05 କୋଟି ଟଙ୍କା ନିମ୍ନ ସାରଣୀ 3.1 ରେ ବିସ୍ତୃତ ଭାବରେ ଦିଆଗଲା ।

**ସାରଣୀ 3.1: ପ୍ରତି ବର୍ଷର ପ୍ରାପ୍ତି ଏବଂ ପାଣ୍ଠିର ଉପଯୋଗ**

*(ଟଙ୍କା କୋଟିରେ)*

| ବର୍ଷ | ପ୍ରାରମ୍ଭିକ ଜମା | କେନ୍ଦ୍ର ଅଂଶ | ରାଜ୍ୟ ଅଂଶ | ମୋଟ | ବ୍ୟୟ | ଅବଶେଷ ଜମା |
|---|---|---|---|---|---|---|
| 2018-19 | 2.05 | 96.85 | 64.57 | 163.47 | 161.42 | 2.05 |
| 2019-20 | 2.05 | 70.12 | 46.74 | 118.91 | 116.86 | 2.05 |
| 2020-21 | 2.05 | 18.41 | 14.31 | 34.77 | 32.72 | 2.05 |
| ମୋଟ | 2.05 | 185.38 | 125.62 | 313.05 | 311.00 | 2.05 |

ଅଡିଟ୍ ପରୀକ୍ଷା ପାଣ୍ଠିର ବ୍ୟବହାର ଯାଞ୍ଚ କରି ନିମ୍ନଲିଖିତ ଅଭାବକୁ ଲକ୍ଷ୍ୟ କଲା ।

### 3.4.1 ପାଞ୍ଚ ବର୍ଷର ପ୍ରକଳ୍ପ କାର୍ଯ୍ୟକାରିତା ଯୋଜନା ଏବଂ ବାର୍ଷିକ କାର୍ଯ୍ୟକାରିତା ଯୋଜନାଗୁଡ଼ିକର ଅନୁପସ୍ଥିତି

ଏସ୍‌ବିଏମ୍-ଜି ର ସଂଶୋଧିତ ନିର୍ଦ୍ଦେଶାବଳୀ (ଅକ୍ଟୋବର 2017) ର ଅନୁଚ୍ଛେଦ 5.1.1 ଅନୁଯାୟୀ, ପ୍ରତି ଗ୍ରାମ ପଞ୍ଚାୟତର ସବିଶେଷ ତଥ୍ୟକୁ ଅନ୍ତର୍ଭୁକ୍ତ କରି ଜିଲ୍ଲାଦ୍ୱାରା ଏକ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ପଡ଼ିବ ଏବଂ ଏହାକୁ ରାଜ୍ୟ ଯୋଜନାରେ ରାଜ୍ୟ ସରକାରଙ୍କ ଦ୍ୱାରା ଯାଞ୍ଚ ଏବଂ ଏକତ୍ରିତ କରିବାକୁ ପଡ଼ିବ । ରାଜ୍ୟ ଯୋଜନାରେ ଆଇଇସି, ବିସିସି, ଟ୍ରିଗର ବ୍ୟାୟାମ, ଦକ୍ଷତା ବିକାଶ, କାର୍ଯ୍ୟାନ୍ୱୟନ, ଆର୍ଥିକ ସହାୟତା ଏବଂ ମନିଟରିଂ କାର୍ଯ୍ୟକଳାପର ସବିଶେଷ ତଥ୍ୟ ପ୍ରଦାନ କରାଯିବ, ଯାହା ସମସ୍ତ ଗ୍ରାମ ପଞ୍ଚାୟତ ପାଇଁ ଏକତ୍ରିତ ହେବ । ଆଗକୁ ରାଜ୍ୟ ଯୋଜନାରେ ପାଞ୍ଚ ବର୍ଷର ପ୍ରକଳ୍ପ କାର୍ଯ୍ୟକାରୀ ଯୋଜନା (ପିଆଇପି) ସହିତ ପାଞ୍ଚଟି ବ୍ୟକ୍ତିଗତ ତଥ୍ୟ ଏବଂ ଏସ୍‌ବିଏମ୍-ଜି ର ସଂଶୋଧିତ ନିୟମକୁ ଆଧାର କରି, ରାଜ୍ୟଗୁଡ଼ିକ ଦ୍ୱାରା ପ୍ରସ୍ତୁତ ରାଜ୍ୟ ପିଆଇପି ଗୁଡ଼ିକ ପୁନଃ ସଂଶୋଧନ କରାଯାଉଥିଲା ।

ଅଡିଟ୍ ଅନୁଧ୍ୟାନ କଲେ (ଡିସେମ୍ବର 2021/ ଅପ୍ରେଲ 2022) ଯେ କଟକ ଏବଂ ସମ୍ବଲପୁର ଜିଲ୍ଲାରେ ଏସ୍‌ବିଏମ୍(ଜି)ର କାର୍ଯ୍ୟକାରୀ କରିବା ପାଇଁ ପାଞ୍ଚ ବର୍ଷର ପିଆଇପି ଏବଂ ପାଞ୍ଚଟି ସ୍ୱତନ୍ତ୍ର ଏଆଇପି ପ୍ରସ୍ତୁତ ହୋଇନାହିଁ । ଏସ୍‌ବିଏମ୍(ଜି) ନିର୍ଦ୍ଦେଶାବଳୀ ଦ୍ୱାରା ପ୍ରଦାନ କରାଯାଇଥିବା ଯୋଜନାଗୁଡ଼ିକର ପ୍ରସ୍ତୁତି ନହେବା କାରଣଗୁଡ଼ିକ ରେକର୍ଡରେ ମିଳିଲା ନାହିଁ ।

ଏଆଇପି ଏବଂ ପାଞ୍ଚ ବର୍ଷର ପିଆଇପି ଗୁଡ଼ିକ ଗୁରୁତର ଆଭ୍ୟନ୍ତରଣ ନିୟନ୍ତ୍ରଣ ଥିଲା, ଯାହା କାର୍ଯ୍ୟର ସଠିକ କ୍ରମ ଏବଂ ପରିସର ଉପରେ ସ୍ୱଷ୍ଟତା ପ୍ରଦାନ କରିବାକୁ ଉଦ୍ଦିଷ୍ଟ ଥିଲା । ଏହି ଗୁରୁତର ଦଲିଲଗୁଡ଼ିକର ଅଭାବରେ ଯୋଜନାର ଉଦ୍ଦେଶ୍ୟଗୁଡ଼ିକ ହାସଲ ନକରିବାର ବିପଦକୁ ଯଥେଷ୍ଟ ବୃଦ୍ଧି କରିଥିଲା ।

ଏହାର ଉତ୍ତରରେ, ପିଆର୍‌ଆଣ୍ଡଡିଡବ୍ଲୁ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ (କ) ଏହି ଦୁଇ ଜିଲ୍ଲାର ସମସ୍ତ ଗ୍ରାମରେ ବେସ୍ ଲାଇନ୍ ସର୍ଭେରେ ଚିହ୍ନଟ ଯୋଗ୍ୟ ହିତାଧିକାରୀମାନେ 2019 ପର୍ଯ୍ୟନ୍ତ ପାଞ୍ଚ ବର୍ଷର କାର୍ଯ୍ୟ ଯୋଜନା ଗଠନ କରିଛନ୍ତି (ଖ) ରାଜ୍ୟ ସ୍ତରରେ ଉପଲବ୍ଧ ପିଆଇପି ଏବଂ ଏଆଇପି ଜିଲ୍ଲାମାନଙ୍କ ପରାମର୍ଶରେ ପ୍ରସ୍ତୁତ କରାଯାଇଛି ।

ପ୍ରତି ଗ୍ରାମ ପଞ୍ଚାୟତର ବିବରଣୀ ଅନ୍ତର୍ଭୁକ୍ତ କରି ଆଇଇସି, ଦକ୍ଷତା ବିକାଶ, କାର୍ଯ୍ୟାନ୍ୱୟନ, ମନିଟରିଂ କାର୍ଯ୍ୟକଳାପ ଇତ୍ୟାଦି ପାଇଁ ପ୍ରକଳ୍ପ ପ୍ରସ୍ତାବ ନମୁନା ଜିଲ୍ଲାଗୁଡ଼ିକରେ ଅଡିଟ୍ ସମୟରେ ଉପଲବ୍ଧ ହୋଇ ନଥିବାରୁ ଏହାର ଉତ୍ତର କାର୍ଯ୍ୟକ୍ଷମ ନୁହେଁ ।

### 3.4.2 ଜିଲ୍ଲା ସ୍ୱଚ୍ଛ ଯୋଜନା ପ୍ରସ୍ତୁତ ନକରିବା

ଏସ୍‌ବିଏମ୍-ଜି ନିର୍ଦ୍ଦେଶାବଳୀର ପାରା 5.1.2 ରେ ଦର୍ଶାଯାଇଛି ଯେ, ଏକ ସମୟ ସୀମା ମଧ୍ୟରେ ଜିଲ୍ଲାକୁ ଖୋଲାଖୋଲି ମଳ ମୁକ୍ତ କରିବା ପାଇଁ ପ୍ରତ୍ୟେକ ଜିଲ୍ଲା ଏକ ରଣନୀତିକ ଯୋଜନା ଅଭ୍ୟାସ କରିବା ଆବଶ୍ୟକ । ବାକି ମିଶନ ଅବଧି ପାଇଁ ଜିଲ୍ଲାଗୁଡ଼ିକ ଜିଲ୍ଲା ସ୍ୱଚ୍ଛ ଯୋଜନା (ଡିଏସ୍‌ପି) ବିକାଶ କରିବାକୁ ଆବଶ୍ୟକ ଥିଲା, ଯାହା ବିରୁଦ୍ଧରେ ଅଗ୍ରଗତି ଉପରେ ନଜର ରଖାଯିବ । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଯୋଜନା ଏବଂ ବ୍ୟବସ୍ଥା ଯେପରିକି ଚାହିଦା ଉତ୍ପାଦନ, ଟେକ୍ନୋଲୋଜିର ପସନ୍ଦ, ନିର୍ମାଣ ତଦାରଖ, ଶୌଚାଳୟ ଗୁଡ଼ିକର ଜିଓ-ଟ୍ୟାଗିଙ୍ଗ୍, ଓଡିଏଫ୍ ଘୋଷିତ ଗ୍ରାମ ଯାଞ୍ଚ ଇତ୍ୟାଦି ଜିଲ୍ଲା ସ୍ୱଚ୍ଛ ଯୋଜନାରେ ସୂଚିତ କରାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କରିଥିଲା (ଡିସେମ୍ବର 2021/ ଅପ୍ରେଲ 2022) ଯେ କଟକ ଏବଂ ସମ୍ବଲପୁର ଜିଲ୍ଲା ଜଳ ବେଂ ପରିମଳ ମିଶନ 2017-18 ରୁ ଆର୍ଥିକ ବର୍ଷ 2019-20 ପର୍ଯ୍ୟନ୍ତ କୌଣସି ଡିଏସ୍‌ପି ପ୍ରସ୍ତୁତ କରିନାହିଁ । ଏସ୍‌ବିଏମ୍(ଜି) ନିର୍ଦ୍ଦେଶାବଳୀ ଦ୍ୱାରା ପ୍ରଦତ୍ତ ଡିଏସ୍‌ପିର ଏପରି ପ୍ରସ୍ତୁତ ନହେବା କାରଣ ଗୁଡ଼ିକ ରେକର୍ଡରେ ମିଳିଲା ନାହିଁ ।

ଡିଏସ୍‌ପିର ଅନୁପସ୍ଥିତିରେ ଶୌଚାଳୟ ନିର୍ମାଣର ପର୍ଯ୍ୟାପ୍ତ ତତ୍ତ୍ୱାବଧାନ, ଜଳର ଉପଲବ୍ଧତା ନଥିବା ହେତୁ ବ୍ୟକ୍ତିଗତ ଘରର ଶୌଚାଳୟ ବ୍ୟବହାର ନକରିବା ଏବଂ ବ୍ୟକ୍ତିଗତ ଶୌଚାଳୟର ଆଂଶିକ ନିର୍ମାଣ ହେତୁ ଗ୍ରାମାଞ୍ଚଳରେ ଖୋଲା ମଳର ଅବସାନ କରାଗଲା ।

ଏହାର ଉତ୍ତରରେ, ପିଆର୍ ଏବଂ ଡିଡବ୍ଲୁ ବିଭାଗ ବ୍ୟକ୍ତ କଲେ(ଅକ୍ଟୋବର 2022) ଯେ ଜିଲ୍ଲାମାନଙ୍କ ଦ୍ୱାରା ଡିଏସ୍‌ପି ପ୍ରସ୍ତୁତ କରାଯାଇଥିଲା ଏବଂ ରାଜ୍ୟ ସହ ଅଂଶୀଦାର କରାଯାଇଥିଲା । ଅବଶିଷ୍ଟ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ଏଆଇପି ସେହି ଅନୁଯାୟୀ ପ୍ରସ୍ତୁତ ହୋଇଥିଲା ।

ଏହାର ଉତ୍ତର ଗ୍ରହଣୀୟ ନୁହେଁ କାରଣ ଜିଲ୍ଲା ସ୍ତରରେ ନମୁନା ଜିଲ୍ଲାଗୁଡ଼ିକ ସମାନ ପ୍ରସ୍ତୁତିର ସମର୍ଥନରେ ଡିଏସ୍‌ପି ଉପାଦନ ପ୍ରସ୍ତୁତ କରିପାରିଲା ନାହିଁ ।

### 3.4.3 ଆଇଏଚ୍‌ଏଚ୍‌ଏଲ ର ସ୍ଥିତି

2019-20 ଆର୍ଥିକ ବର୍ଷ ଶେଷରେ ଦୁଇଟି ନମୁନା ଯାଞ୍ଚ ଜିଲ୍ଲା (କଟକ ଏବଂ ସମ୍ବଲପୁର)ରେ 4.04 ଲକ୍ଷ ଆଇଏଚ୍‌ଏଚ୍‌ଏଲ୍ ନିର୍ମାଣ କରାଯାଇଛି । ଅଡିଟ୍ ଏହି ଦୁଇଟି ଜିଲ୍ଲାର 20 ଟି ନମୁନା ଯାଞ୍ଚ ଗ୍ରାମ ପଞ୍ଚାୟତରେ 576 ଟି ଆଇଏଚ୍‌ଏଚ୍‌ଏଲ୍‌ର ମିଳିତ ଭୌତିକ ଯାଞ୍ଚ ପରିଚାଳନା କରିଥିଲା ଏବଂ ନିମ୍ନଲିଖିତ ଅଭାବ ଲକ୍ଷ୍ୟ କଲା:

- ଏସ୍‌ବିଏମ୍(ଜି) ମାର୍ଗଦର୍ଶିକାର ଅନୁଚ୍ଛେଦ 6.4.1 ଧାର୍ଯ୍ୟ କରିଛି ଯେ ଆଇଏଚ୍‌ଏଚ୍‌ଏଲ୍ ଗୁଡ଼ିକର ସ୍ଥାୟିତ୍ୱ ପାଇଁ ସର୍ବନିମ୍ନ ଡିଜାଇନ୍ ନିର୍ଦ୍ଦିଷ୍ଟତା ପୂରଣ କରିବା ଆବଶ୍ୟକ । ସେହି ଅନୁଯାୟୀ ଓଡ଼ିଶା ଜଳ ଓ ପରିମଳ ମିଶନ (ଓଡବ୍ଲୁଏସ୍‌ଏମ୍) ସମସ୍ତ ଜିଲ୍ଲାପାଳଙ୍କୁ ଆଇଏଚ୍‌ଏଚ୍‌ଏଲ୍ ଗଠନ କରିବା ସମୟରେ ଟୁଇନ୍ ପିଟ୍ ଓ୍ୱାଟର ସିଲ୍ ଟେକ୍‌ନୋଲୋଜି ଗ୍ରହଣ କରିବାକୁ ଅପ୍ରେଲ 2018 ରେ ନିର୍ଦ୍ଦେଶ ଦେଇଥିଲା । ପ୍ରତ୍ୟେକ ଆଇଏଚ୍‌ଏଚ୍‌ଏଲ୍ ପାଇଁ ଆନୁମାନିକ ସହାୟତା ମୂଲ୍ୟ (ଯେଉଁଥିରେ ଟୁଇନ୍ ପିଟ୍ ବ୍ୟବସ୍ଥା ଅନ୍ତର୍ଭୁକ୍ତ) ଥିଲା 12,000 ଟଙ୍କା ।

ମିଳିତ ବାସ୍ତବିକ ସ୍ଥିତି ଯାଞ୍ଚ ସମୟରେ, ଦେଖାଗଲା ଯେ ଯାଞ୍ଚ କରାଯାଇଥିବା 576 ଆଇଏଚ୍‌ଏଚ୍‌ଏଲ୍ ମଧ୍ୟରୁ 508 ଆଇଏଚ୍‌ଏଚ୍‌ଏଲ୍ ସେଲ୍‌ଫ୍ ହେଲ୍‌ପ୍ ଗ୍ରୁପ୍ (ଏସ୍‌ଏଚ୍‌ଜିଏସ୍) ଦ୍ୱାରା ନିର୍ମାଣ କରାଯାଇଛି । ଏହି 508 ଆଇଏଚ୍‌ଏଚ୍‌ଏଲ୍ ମଧ୍ୟରୁ କେବଳ 10 ଆଇଏଚ୍‌ଏଚ୍‌ଏଲ୍ ରେ ଟୁଇନ୍ ପିଟ୍ ଥିଲା । 441 ଆଇଏଚ୍‌ଏଚ୍‌ଏଲ୍ ରୁ ସିଙ୍ଗଲ୍ ପିଟ୍ ଥିଲା ଏବଂ 57 ଆଇଏଚ୍‌ଏଚ୍‌ଏଲ୍‌ର ଆଦୌ ପିଟ୍ ନଥିଲା । ଏହା ସତ୍ତ୍ୱେ ଏସ୍‌ଏଚ୍‌ଜି ଗୁଡ଼ିକୁ ନିର୍ମାଣ ପାଇଁ ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନ କରାଯାଇଥିଲା । ଏହି ଏସ୍‌ଏଚ୍‌ଜି ଗୁଡ଼ିକୁ ପୂର୍ଣ୍ଣ ସହାୟତା ପ୍ରଦାନ ସତ୍ତ୍ୱେ, ଭବିଷ୍ୟତରେ ବ୍ୟବହାର ପାଇଁ ଅଡିଟ୍ ଏହି ଆଇଏଚ୍‌ଏଚ୍‌ଏଲ୍ ଗୁଡ଼ିକର ସ୍ଥାୟୀତ୍ୱ ଉପରେ ନିଶ୍ଚିତତା ଦେବାକୁ ଅସମର୍ଥ

ଏହାର ଉତ୍ତରରେ, ପିଆର୍‌ଆଣ୍ଡ ଡିଡବ୍ଲୁ ବିଭାଗ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ ସିଙ୍ଗଲ ସିଟ୍‌କୁ ଟୁଇଟ୍ ପିଟରେ ପରିଣତ କରିବା ପାଇଁ କାର୍ଯ୍ୟକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି (ଫେବୃଆରୀ 2021) ଏବଂ ସମସ୍ତ ସିଙ୍ଗଲ ପିଟ୍‌କୁ ଏବଂ ନୋ ପିଟ୍ ଟଏଲଟ୍ କୁ ଟୁଇନ୍ ପିଟରେ ପରିଣତ କରିବାକୁ ନିଶ୍ଚିତ କରାଯାଇଛି ।

ଉତ୍ତରଟି ଗ୍ରହଣୀୟ ନୁହେଁ, କାରଣ ମିଳିତ ଭୌତିକ ଯାଞ୍ଚ ସମୟରେ ଦିଆଯାଇଥିବା ନିର୍ଦ୍ଦେଶରେ କାର୍ଯ୍ୟକାରିତାକୁ (ଫେବୃଆରୀ 2021) ଅଡିଟ୍ ଖୋଜି ପାଇଲା ନାହିଁ ।

| **ଫଟୋଚିତ୍ର :3.9** | **ଫଟୋଚିତ୍ର :3.10** |
| --- | --- |
|  |  |
| *ମାନେଶ୍ୱର ପିଏସ୍‌ର ସାହସପୁର ଜିପିର ଶଶି କୁମାରଙ୍କ ଆଇଏଚ୍ଏଚ୍ଏଲ୍* | *କଣ୍ଟାପଡ଼ା ପିଏସ୍‌ର ବାଗଲପୁର ଜିପିର ଶ୍ରୀ ବାମ ଭୋଇଙ୍କ ଆଇଏଚ୍ଏଚ୍ଏଲ୍* |

| **ଫଟୋଗ୍ରାଫ୍ :3.11** | **ଫଟୋଗ୍ରାଫ୍:3.12** |
| --- | --- |
|  |  |
| *ଧାନକୌଡ଼ା ପିଏସ୍‌ର ତଲବ ଜିପିର ପ୍ରଶ୍ମ ସେଭାଲଙ୍କ ଆଇଏଚ୍ଏଚ୍ଏଲ୍* | *ଧାନକୌଡ଼ା ପିଏସ୍‌ର ବିଶାଳଖିଣ୍ଡା ଜିପିର ଡେଗୁ ବାଗ ପାଣିଆପାଲିଙ୍କ ଆଇଏଚ୍ଏଚ୍ଏଲ୍* |

| **ଫଟୋଗ୍ରାଫ୍:3.13** | **ଫଟୋଗ୍ରାଫ୍:3.14** |
| --- | --- |
|  |  |
| *କଣ୍ଟାପଡ଼ା ପିଏସ୍‌ର ଅଡଶପୁର ଜିପିର ମାୟାଧର ବେହେରାଙ୍କ ଏବଂ ଗୋବର୍ଦ୍ଧନ ବେହେରାଙ୍କ ଆଇଏଚ୍ଏଚ୍ଏଲ୍* | *ଟାଙ୍ଗୀ-ଚୌଦ୍ୱାର ପିଏସ୍‌ର କରଞ୍ଜି ଜିପିର ଶାନ୍ତି ପୁର୍ତ୍ତିଙ୍କ ଆଇଏଚ୍ଏଚ୍ଏଲ୍* |

- 562 ଆଇଏଚ୍ଏଚ୍ଏଲ୍ (98 ପ୍ରତିଶତ) ରେ, ଜଳ ସଂଯୋଗ ନଥିଲା । ଏଥି ମଧ୍ୟରୁ, 200 ହିତାଧିକାରୀ ଦର୍ଶାଇଛନ୍ତି ଯେ ସେମାନେ ନିକଟସ୍ଥ କୂଅ/ ନଳ କୂଅରୁ ଜଳ ପରିବହନ କରି ଆଇଏଚ୍ଏଚ୍ଏଲ୍ ବ୍ୟବହାର କରିଛନ୍ତି । ଅବଶିଷ୍ଟ 362 ହିତାଧିକାରୀ ଆଇଏଚ୍ଏଚ୍ଏଲ୍‌କୁ ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରୁନଥିଲେ ଏବଂ ଏହା ବଦଳରେ ନିମ୍ନ ଫଟୋଗ୍ରାଫରେ ଦେଖାଯାଇଥିବା ପରି ଜାଳେଣି କାଠ, ନଡ଼ା ଇତ୍ୟାଦି ସଂରକ୍ଷଣ ପାଇଁ ସେଗୁଡ଼ିକୁ ବ୍ୟବହାର କରୁଥିଲେ, ଯାହାଦ୍ୱାରା 43.08 ଲକ୍ଷ[56] ଟଙ୍କା ଅପଚୟ ବ୍ୟୟ ହେଲା ।
- ଏହି ଅଭାବଗୁଡ଼ିକର ଫଳାଫଳ ଏବଂ ଭିତ୍ତିଭୂମିର (ଯେପରିକି ଆଇଏଚ୍ଏଚ୍ଏଲ୍ ପାଇଁ ପାଇପ୍ ଜଳ ସଂଯୋଗ) ଏସ୍‌ବିଏମ୍(ଜି) ଯୋଜନାର ଉଦ୍ଦେଶ୍ୟ । ଯଥା କାର୍ଯ୍ୟକ୍ଷମ ଶୌଚାଳୟର ସୁନିଶ୍ଚିତ କରିବା ସମ୍ଭବ ନୁହେଁ, ଏହି ପରିସ୍ଥିତିରେ, ପିଆର୍‌ଆଇ ଦ୍ୱାରା ରିପୋର୍ଟ ହୋଇଥିବା ଓଡିଏଫ୍‌ର ସ୍ଥିତି ଉପରେ ଅଡିଟ୍ ନିଶ୍ଚିତତା ଚଳାଇବାରେ ଅସମର୍ଥ ।

[56] 359 ଆଇଏଚ୍ଏଚ୍ଏଲ୍X12000 ଟଙ୍କା

ଏହାର ଉତ୍ତରରେ, ସରକାର ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ପ୍ରବଳ ବର୍ଷା ହେତୁ ହିତାଧିକାରୀମାନେ ଆଇଏଚ୍ଏଚ୍ଏଲ୍ ଭିତରେ ଜାଳେଣି କାଠ ଏବଂ ଅନ୍ୟାନ୍ୟ ସାମଗ୍ରୀ ରଖିଥାନ୍ତି । ଆହୁରି ମଧ, ନିର୍ମିତ ଶୌଚାଳୟର ନିୟମିତ ବ୍ୟବହାର ନିଶ୍ଚିତ କରିବାକୁ ସରକାର ଦର୍ଶାଇଛନ୍ତି ଯେ ସମସ୍ତ ଓଡିଏଫ୍ ଗ୍ରାମ ପିଡବ୍ଲୁଏସ୍ ଯୋଜନା ଅଧିନରେ ଅନ୍ତର୍ଭୁକ୍ତ ହେବ ଯଥା ଜଳ ଜୀବନ ମିଶନ ଏବଂ ବସୁଧା ଇତ୍ୟାଦି ।

ଏହାର ଉତ୍ତର ଗ୍ରହଣୀୟ ନୁହେଁ କାରଣ 73 ପ୍ରତିଶତ (5.76 ମଧ୍ୟରୁ 419[57]) ଆଇଏଚ୍ଏଚ୍ଏଲ୍ ଗୁଡ଼ିକ ଜଳ ଉପଲବ୍ଧ ନହେବା ହେତୁ ନମୁନା ବ୍ଲକର ହିତାଧିକାରୀଙ୍କ ଦ୍ୱାରା ବ୍ୟବହାର ହୋଇପାରୁନାହିଁ ଏବଂ ଆଇଏଚ୍ଏଚ୍ଏଲ୍ ଗୁଡ଼ିକର ପିଟ୍ ନିର୍ମାଣ ନହେବା ପାଇଁ ମିଳିତ ଭୌତିକ ଯାଞ୍ଚ ରେ ନିଶ୍ଚିତ ହୋଇଥିଲା ।

***ସୁପାରିଶ:***

***6.** ନିର୍ଦ୍ଧାରିତ ବାର୍ଷିକ ଯୋଜନା, ଜିଲ୍ଲା ସ୍ୱଚ୍ଛତା ଯୋଜନା ଏବଂ ପାଞ୍ଚ ବର୍ଷର ପ୍ରକଳ୍ପ କାର୍ଯ୍ୟକାରୀ ଯୋଜନା, ଏସ୍‌ବିଏମ୍(ଜି) ସ୍କିମ୍ ମାର୍ଗଦର୍ଶିକା ଅନୁଯାୟୀ ପ୍ରସ୍ତୁତ ହେବା ଆବଶ୍ୟକ ।*

***7.** ଭବିଷ୍ୟତରେ ବ୍ୟବହାର ପାଇଁ ସୁନିଶ୍ଚିତ କରିବା ପାଇଁ, ଏସ୍‌ବିଏମ୍(ଜି) ଯୋଜନା ନିର୍ଦ୍ଦେଶାବଳୀ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶାବଳୀରେ ଆଇଏଚ୍ଏଚ୍ଏଲ୍ ପାଇଁ ନିର୍ଦ୍ଦିଷ୍ଟ ଡିଜାଇନ୍ ନିର୍ଦ୍ଦିଷ୍ଟତା କରିବା ଆବଶ୍ୟକ ।*

***8.** ଭିତ୍ତିଭୂମି ସକ୍ଷମ କରିବା ପାଇଁ, ଆଇଏଚ୍ଏଚ୍ଏଲ୍ ରେ ପାଇପ୍ ଜଳ ଯୋଗାଣ କରିବା ପାଇଁ ଆମ ଗାଁ ଆମ ବିକାଶ ପରି ଅନ୍ୟ ଯୋଜନା ସହିତ ସମିଶ୍ରଣ ମାଧ୍ୟମରେ ନିଶ୍ଚିତ କରିବା ଆବଶ୍ୟକ ।*

---

[57] 362 ଆଇଏଚ୍ଏଚ୍ଏଲ୍‌ରେ ଜଳ ଯୋଗାଣ ନାହିଁ ଏବଂ 57 ଆଇଏଚ୍ଏଚ୍ଏଲ୍‌ରେ ପିଟ୍ ନାହିଁ ।